# ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର


ରାମଲିଙ୍ଗେଶ୍ୱର ଟ୍ୟାଙ୍କ୍ ରୋଡ଼ ଗାନ୍ଧିନଗର, ବ୍ରହ୍ମପୁର, ପିନ୍ - ୭୬୦୦୦୨

କାର୍ଯ୍ୟାଳୟ ଯୋଗାଯୋଗ ନମ୍ବର : ୭୬୦୮୮୮୦୪୮୦ / ୧୮୦୦୩୪୫୬୭୯୬


ପତ୍ର ସଂଖ୍ୟା ୧୪୮୬୬..........

ତାରିଖ ୦୯.୦୯.୨୦୨୬

## ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ

ଏତଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅଧିନରେ **ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ଏବଂ ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର** ପାର୍ଶ୍ୱରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍‌ରେ ଖାଲିଥିବା **୪ (ଚାରି) ଗୋଟି** ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି । କେବଳ ବ୍ରହ୍ମପୁର ମହାନଗର ନିଗମର ବାସିନ୍ଦାମାନେ ଏହି ଲଟେରୀ ବିଜ୍ଞାପନ ପାଇଁ ଆବେଦନ କରିପାରିବେ । ଏହାର **ନିର୍ଦ୍ଧାରିତ ଦର (ବିକାଶ ଦେୟ ହେଉଛି) ଟ. ୨,୦୦,୦୦୦/-ଙ୍କା (ଫେରସ୍ତ ଯୋଗ୍ୟ ନୁହେଁ)** । ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନେ ଆସନ୍ତା ତା.୨୩../.୯../୨୦୨୬ ରିଖ ସମୟ ଅପରାହ୍ନ ଘ. ୫:୦୦....... ଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ କେବଳ **ରେଜେଷ୍ଟ୍ରୀ ପୋଷ୍ଟ / ସ୍ପିଡ ପୋଷ୍ଟ** ମାଧ୍ୟମରେ (**ଠିକଣା - କମିଶନର, ବ୍ରହ୍ମପୁର ମହାନଗର ନିଗମ, ରାମଲିଙ୍ଗେଶ୍ୱର ଟ୍ୟାଙ୍କ ରୋଡ, ପୋଷ୍ଟ - ବ୍ରହ୍ମପୁର, ଜିଲ୍ଲା - ଗଞ୍ଜାମ, ପିନ୍ ନଂ - ୭୬୦୦୦୨**) ଆବେଦନ ପଠାଇପାରିବେ । ଉକ୍ତ ଲଟେରୀ ପାଇଁ ଆବେଦନ ପତ୍ର ସହ **(୧) ଆଧାର କାର୍ଡ଼ (୨) ଭୋଟର କାର୍ଡ଼ (୩) ବାସିନ୍ଦା ପ୍ରମାଣପତ୍ର (ରେସିଡେନ୍ସ ସାର୍ଟିଫିକେଟ୍) ସଂଲଗ୍ନ କରିବେ** । ଯଦି ଏହି ୩ ଗୋଟି ଡକ୍ୟୁମେଣ୍ଟ ମଧ୍ୟରୁ କୌଣସି ଗୋଟିଏ ଡକ୍ୟୁମେଣ୍ଟ ଆବେଦନ ପତ୍ର ସହ ସଂଲଗ୍ନ ହୋଇନଥାଏ, ତେବେ ଉକ୍ତ ଆବେଦନ ପତ୍ରଟିକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯିବ । ଏହା ସହିତ ସମସ୍ତ ଆବେଦନକାରୀ ଟ. ୨୦୦୦/- (ଦୁଇ ହଜାର) ଙ୍କା ଆବେଦନ ଦେୟ (ଫେରସ୍ତ ଯୋଗ୍ୟ ନୁହେଁ) **ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମଙ୍କ ନାମରେ ବ୍ୟାଙ୍କ ଡିମାଣ୍ଡ ଡ୍ରାଫ୍ଟ ସଂଲଗ୍ନ କରିବା ଆବଶ୍ୟକ । ତା.୧୧.../୯../୨୦୨୬ ରିଖ ଠାରୁ ତା.୨୩/୯../୨୦୨୬ ରିଖ (ଅପରାହ୍ନ ଘ. ୫.୦୦ ଟିକା)** ସୁଦ୍ଧା ଇଚ୍ଛୁକ ବ୍ୟକ୍ତିଙ୍କ ସଂପୂର୍ଣ୍ଣ ଆବେଦନ ପତ୍ର ଆବଶ୍ୟକୀୟ ଦସ୍ତାବିଜ ସହିତ କେବଳ **ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ** ମାଧ୍ୟମରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ପହଞ୍ଚିବା ଦରକାର । ଲଫାଫା ଉପରେ **"ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇବା ନିମନ୍ତେ ଆବେଦନ"** ବୋଲି ସ୍ପଷ୍ଟ ଭାବେ ଲେଖିବେ । **ଉକ୍ତ ଆବେଦନ ପତ୍ରଗୁଡ଼ିକର ଚୟନ ପାଇଁ ଲଟେରୀ ତା.୨୩./.୯../୨୦୨୬ ରିଖ ସମୟ ସନ୍ଧ୍ୟା ଘ. ୫.୩୦ ମିନିଟ ସମୟରେ ବ୍ରହ୍ମପୁର ମହାନଗର ନିଗମର ନୂତନ ସମ୍ମିଳନୀ କକ୍ଷରେ କରାଯିବ** । ଅଧିକ ବିବରଣୀ କିମ୍ବା ଆବେଦନ ପତ୍ର ପାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ **କାର୍ଯ୍ୟାଳୟ ଷ୍ଟଲ୍ ଉପବିଭାଗରେ** ଯୋଗାଯୋଗ କରିପାରିବେ ।

# ସର୍ତ୍ତାବଳୀ ଆବଶ୍ୟକ ଯୋଗ୍ୟତା ଓ ତଥ୍ୟ ପତ୍ର (ଡକ୍ୟୁମେଣ୍ଟ)

(୧) ଯେଉଁ ବ୍ୟକ୍ତି ମାନେ ଲଟେରୀରେ ଦୋକାନ ଗୃହ ପାଇବା ପାଇଁ ଚୟନ ହେବେ, ସେମାନେ ପ୍ରତିଭୂତି ଆମାନତ (ସିକ୍ୟୁରିଟି ଡ଼ିପୋଜିଟ୍) ଟ, ୧୦,୦୦୦/- (ଦଶ ହଜାର) ଙ୍କା (ବିକାଶ ଦେୟର ୫% ପ୍ରତିଶତ) ଡ଼ିମାଣ୍ଡ ଡ୍ରାଫ୍ଟ ଦୋକାନ ଗୃହ ପାଇବାର ଗୋଟେ ସପ୍ତାହ ଭିତରେ ମହାନଗର ନିଗମରେ ଜମା କରିବେ ଯାହା କି ଫେରସ୍ତ ଯୋଗ୍ୟ ଅଟେ, ଅନ୍ୟଥା ଅନ୍ୟ ଆବେଦନକାରୀଙ୍କ ସପକ୍ଷରେ ଆବଣ୍ଟନ ସ୍ଥିର କରାଯିବ।।

(୨) ଲଟେରୀରେ ଦୋକାନ ଗୃହ ପାଇଥିବା ବ୍ୟକ୍ତିମାନେ, ଦୋକାନ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ବିକାଶ ଦେୟ ପ୍ରଦାନ କରିବେ । ଏହି ସମୟସୀମା ମଧ୍ୟରେ ଯେଉଁ ମାନେ ବିକାଶ ଦେୟ ପୈଠ କରିପାରିବେ ନାହିଁ, ସେହି ବ୍ୟକ୍ତି ମାନଙ୍କର ଦୋକାନ ଗୃହର ଆବଣ୍ଟନ ରଦ୍ଦ କରାଯିବ ।

(୩) ଲଟେରୀରେ ଦୋକାନ ଗୃହ ପାଇଥିବା ବ୍ୟକ୍ତିମାନେ ଦୋକାନ ପାଇବାର ଗୋଟେ ମାସ ମଧ୍ୟରେ
(୧) ମହାନଗର ନିଗମ ସାଙ୍ଗରେ ୫ ବର୍ଷର ଲିଜ୍ ପାଇଁ ଚୁକ୍ତିନାମା କରିବେ (୨) ବାଣିଜ୍ୟ ଲାଇସେନ୍ସ୍, ଏବଂ ଖାଦ୍ୟ ଲାଇସେନ୍ସ କରିବେ ।
(୩) ୫ବର୍ଷର ଚୁକ୍ତିସୀମା ପରେ ଚୁକ୍ତିର ନବୀକରଣ କରାଯାଇପାରେ ।

(୪) ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇଁ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମାସିକ ଭଡ଼ା ଓ ଅନ୍ୟାନ୍ୟ ଦେୟ ।

| କ୍ର.ନଂ | ଦୋକାନ ଗୃହ ପ୍ରକାର | ପ୍ରତିଭୂତି ଅମାନତ (ଟଙ୍କା) | ମାସିକ ଭଡ଼ା (ଟଙ୍କା) | ମାସିକ ସାନିଟେସନ୍ ଦେୟ (ଟଙ୍କା) |
|---|---|---|---|---|
| ୧ | ଦୋକାନ ଗୃହ | ଟ.୧୦,୦୦୦/-ଙ୍କା | ଟ.୨୦୦୦/-ଙ୍କା | ଟ. ୧୦୦/-ଙ୍କା |

(୫) ଖାଲିଥିବା ଦୋକାନ ଗୃହ ସ୍ଥାନ (ଆନୁମାନିକ ) :

| କ୍ର.ନଂ | ଭେଣ୍ଡିଂ ଜୋନ୍‌ର ନାମ | ଖାଲିଥିବା ଦୋକାନ ଗୃହ ସଂଖ୍ୟା |
|---|---|---|
| ୧ | ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ | ୧ଗୋଟି (ଦୋକାନ ଗୃହର ନଂ - ୭) |
| ୨ | ଲାଞ୍ଜିପଲ୍ଲୀ ମୁଖ୍ୟ ରାସ୍ତା ଚଣ୍ଡୀ ମନ୍ଦିର ପାର୍ଶ୍ୱରେ | ୩ ଗୋଟି (ଦୋକାନ ଗୃହର ନଂ - ୧,୨ ଏବଂ ୪) |

(୬) ଦୋକାନ ପାଇଥିବା ବ୍ୟକ୍ତିମାନେ ଦୋକାନ ଗୃହର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ, ଜଳ ଓ ବିଦ୍ୟୁତ ମାସିକ ଦେୟ ନିଜେ ବହନ କରିବେ ।

(୭) ଆବଣ୍ଟନକାରୀ ଆବଣ୍ଟିତ ପରିସରର ଗଢ଼ଣ ସଂରଚନା ପରିବର୍ତ୍ତନ ବା କୌଣସି ପୁନଃନିର୍ମାଣ କରିପାରିବେ ନାହିଁ ।

(୮) ଆବଶ୍ୟକ ସ୍ଥଳେ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ପୂର୍ବଦର୍ଶିତ ବିଭିନ୍ନ ପ୍ରକାର ଦୋକାନ ସଂଖ୍ୟାକୁ ପରିବର୍ତ୍ତନ କରିପାରିବେ ।

(୯) ଦୋକାନ ଗୃହ ଆବଣ୍ଟନ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଅମାନତ ଟଙ୍କା ଜମା କରିବେ, ଯାହାକି ଚୁକ୍ତିନାମାର କୌଣସି ସର୍ତ୍ତ ଉଲ୍ଲଂଘନ ପାଇଁ ଅର୍ଥଦଣ୍ଡ ସ୍ୱରୂପ ଆଂଶିକ କିମ୍ୱା ସମ୍ପୂର୍ଣ୍ଣ ଭାବରେ ବାଜ୍ୟାପ୍ତି ହୋଇପାରେ ।

(୧୦) ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ ।

(୧୧) ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ବ୍ରହ୍ମପୁର ମହାନଗର ନିଗମର ନିଷ୍ପତ୍ତି ଚୂଡାନ୍ତ ଅଟେ ।

(୧୨) ଏହି ଲଟେରୀ ପାଇଁ ଗୋଟିଏ ପରିବାରର କେବଳ ଜଣେ ସଦସ୍ୟ ଆବେଦନ କରିପାରିବେ । ଯଦି ଗୋଟିଏ ପରିବାରର ଏକାଧିକ ସଦସ୍ୟ ଆବେଦନ କରନ୍ତି ତେବେ ପ୍ରଥମେ ଯାହାର ବୈଧ ଆବେଦନ ପତ୍ର ବ୍ରହ୍ମପୁର ମହାନଗର ନିଗମରେ ପ୍ରାପ୍ତ ହୋଇଥିବ ତାଙ୍କୁ ହିଁ ଲଟେରୀରେ ଅଂଶଗ୍ରହଣ କରିବାକୁ ଦିଆଯିବ ।

(୧୩) ଏହି ଲଟେରୀ ବିଜ୍ଞାପନ ପାଇଁ ପରିବାରର ଅର୍ଥ ହେଉଛି ସ୍ୱାମୀ–ସ୍ତ୍ରୀ, ଅବିବାହିତ ପୁଅ ଏବଂ ଅବିବାହିତ ଝିଅ।

(୧୪) ଦୋକାନ ଆବଣ୍ଟନ ପରେ ଷ୍ଟ୍ରିଟ ଭେଣ୍ଡର କିମ୍ୱା ତାଙ୍କ ପରିବାରର ସଦସ୍ୟ / ସଦସ୍ୟା ଯଦି ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ କୌଣସି ଖୋଲା ସ୍ଥାନରେ (ଅନଧିକୃତ) ଭେଣ୍ଡିଂ କରନ୍ତି, ତାହେଲେ ବ୍ରହ୍ମପୁର ମହାନଗର ନିଗମ ଆବଣ୍ଟନ କରାଯାଇଥିବା ଦୋକାନ ଗୃହର ଚୁକ୍ତି ବାତିଲ କରିବା ପାଇଁ ବାଧ ହେବ ।

(୧୫) ବ୍ରହ୍ମପୁର ମହାନଗର ନିଗମର ପୂର୍ବରୁ ଷ୍ଟଲ୍ / ଭେଣ୍ଡିଂ ଜୋନ୍ ନେଇଥିବା ବ୍ୟକ୍ତି କିମ୍ୱା ତାଙ୍କର କୌଣସି ପରିବାର ସଦସ୍ୟ ଆବେଦନ କରିପାରିବେ ନାହିଁ ।

(୧୬) ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

(୧୭) ଉକ୍ତ ଦୋକାନ ଗୃହରେ ପାର୍ଟନରଶିପରେ ବ୍ୟବସାୟ କରିପାରିବେ ନାହିଁ । ଦୋକାନ ଗୃହ ଯାହାକୁ ଆବଣ୍ଟିତ ହେବ ତାଙ୍କରି ନାମରେ ହିଁ ଟ୍ରେଡ୍ ଲାଇସେନ୍ସ କରିବାକୁ ପଡ଼ିବ ଏବଂ ଉକ୍ତ ଦୋକାନ ଗୃହକୁ ସେ ଭଡ଼ାରେ ଦେଇପାରିବେ ନାହିଁ ।

(୧୮) ଦୋକାନ ଗୃହର ପ୍ରକାଶ ଫଳକରେ ମୋଟ କ୍ଷେତ୍ରଫଳରେ ୬୦(ଷାଠିଏ) ପ୍ରତିଶତ ଭାଗରେ ଓଡ଼ିଆ ଭାଷା ଲିପିର ବ୍ୟବହାର କରିବା ବାଧ୍ୟତାମୂଳକ ।

(୧୯) ଦୋକାନ ଗୃହରେ କୌଣସି ପ୍ରକାର ମାଦକଦ୍ରବ୍ୟ ବିକ୍ରି କିମ୍ବା ପ୍ରଚାର କରାଯିବ ନାହିଁ ।

(୨୦) ଦୋକାନରେ ବିକ୍ରୟ ଜିନିଷକୁ ଦୋକାନ ମଧ୍ୟରେ ରଖିବାକୁ ହେବ । ଯେପରି ଟ୍ରାଫିକ୍ ସମସ୍ୟା ନଉପୁଜିବ ସେଥିପ୍ରତି ଧ୍ୟାନଦେବେ ।

ଆୟୁକ୍ତ

ବ୍ରହ୍ମପୁର ମହାନଗର ନିଗମ

ପରିପତ୍ର ସଂଖ୍ୟା. ୯୪୮୬୬........ ତାରିଖ. ୦୯.୦୯.୨୦୨୬

୧.ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓଡ଼ିଶା, ଭୁବନେଶ୍ୱରଙ୍କୁ ବ୍ରହ୍ମପୁର ସହରରେ ଦୁଇଟି ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବର କାଗଜରେ ତା.୧୧..../.୯.../୨୦୨୬ ରିଖ ପ୍ରକାଶନ ପାଇଁ ଅନୁରୋଧ କରାଗଲା । ବିଜ୍ଞାପନର ଅକ୍ଷରର ଆକାର ୮ ପଏଣ୍ଟ ରହିବା ଆବଶ୍ୟକ ଏବଂ ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରିତ ମୂଲ୍ୟରେ ହେବା ଉଚିତ ।

୨. ଏହାର ଏକକିତା ନକଲ ମାନନୀୟା ମେୟର / ଡେପୁଟି ମେୟରଙ୍କ କ୍ଷିପ୍ରଲେଖକ ଏବଂ କମିଶନରଙ୍କ ବ୍ୟକ୍ତିଗତ ସହାୟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୩. ଏହି ବିଜ୍ଞପ୍ତିର ଏକକିତା ନକଲ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୪. ଏହାର ଏକକିତା ନକଲ ବ୍ରହ୍ମପୁର ମହାନଗର ନିଗମ ୱେବସାଇଟ୍ ରେ ପ୍ରକାଶନ କରିବା ପାଇଁ MIS Programmer ଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ଆୟୁକ୍ତ

ବ୍ରହ୍ମପୁର ମହାନଗର ନିଗମ

# ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର

## ଭେଣ୍ଡିଂ ଜୋନ୍‌ରେ ସ୍ଥାନ / ଦୋକାନ ଆବଣ୍ଟନ ପାଇଁ ଆବେଦନ ଫର୍ମ

(୧) ଆବେଦନକାରୀଙ୍କ ନାମ : ..............................................

(୨) ପିତାଙ୍କର ନାମ : ..............................................

ଆପଣଙ୍କ ପାସପୋର୍ଟ ସାଇଜ୍ ଫୋଟ କେବଳ

(୩) ସ୍ୱାମୀ / ସ୍ତ୍ରୀଙ୍କ ନାମ : ..............................................

(୪) ବର୍ତ୍ତମାନର ବାସସ୍ଥାନର ଠିକଣା : ..............................................
..............................................

(୫) ମୋବାଇଲ୍ ନଂ : ..............................................

(୬) ଭେଣ୍ଡିଂ ଜୋନ୍‌ର ନାମ : ..............................................

(୭) ବିକ୍ରୟ ସାମଗ୍ରୀ / ପଣ୍ୟର ନାମ : ..............................................

(୮) ସମାନ ବିକ୍ରୟ କାର୍ଯ୍ୟକଳାପରେ ସାମିଲ ପରିବାର ସଦସ୍ୟ

| କ୍ର.ନଂ | ପରିବାର ସଦସ୍ୟଙ୍କ ନାମ | ରାସ୍ତାକଡ଼ ବିକ୍ରେତାଙ୍କ ସହିତ ସମ୍ପର୍କ |
|---|---|---|
| ୧ | | |
| ୨ | | |

(୯) ସଂଲଗ୍ନ ହେବାକୁ ଥିବା ପ୍ରମାଣ ପତ୍ର

| କ୍ର.ନଂ | ପ୍ରମାଣ ପତ୍ରର ନାମ | ସ୍ଥିତି (ହଁ / ନା) |
|---|---|---|
| ୧ | ଭୋଟର ପରିଚୟ ପତ୍ରର ନକଲ | |
| ୨ | ଆଧାର କାର୍ଡ଼ର ନକଲ | |
| ୩ | ବାସିନ୍ଦା ପ୍ରମାଣ ପତ୍ର (ରେସିଡେଣ୍ଟ ସାର୍ଟିଫିକେଟ୍) | |

(୧୦) ଘୋଷଣା : ମୁଁ ଘୋଷଣା କରୁଛି ଯେ, ମୋର ସର୍ବୋତ୍ତମ ଜ୍ଞାନ ଅନୁସାରେ ଦିଆଯାଇଥିବା ସୂଚନା ସତ୍ୟ ଏବଂ ସଠିକ୍ । ଭ୍ରମାତ୍ମକ କିମ୍ବା ମିଥ୍ୟାଯୁକ୍ତ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯିବ।

ତାରିଖ : 

ଆବେଦନକାରୀଙ୍କ ଦସ୍ତଖତ